ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଉପନିଷଦ

(ଉପନିଷତ୍)

Upanishad / उपनिषत्

## ୧୦୮ ଉପନିଷଦ ( ଭାଗ – ୪ )

108 Upanishad ( Vol – 4 )


### ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ

Editor – Prakash Pradhan


### ଭାଷା - ସଂସ୍କୃତ-ଓଡିଆ

Language – Sanskrit - Odia


ଉପଦେଷ୍ଟା

### ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର

ସଂପାଦକ, ହିନ୍ଦୁ ମହାସଭା, ଓଡ଼ିଶା ଶାଖା

# ବେଦ ଉପନିଷଦ

ଉପନିଷଦ ଗୁଡିକ 'ବେଦ ଯୁଗ'ର ଶେଷ ଆଡ଼କୁ ରଚନା କରାଯାଇଥିଲା । ଉପନିଷଦ 'ଷଦ' ଶବ୍ଦରୁ ଆସିଅଛି, ଷଦ ଅର୍ଥାତ 'ବସିବା', ଏଥିରେ ପୂର୍ବରେ 'ଉପ' ଓ 'ନି' କୁ ଯୋଡା ଯାଇଛି । ଅର୍ଥାତ 'ଉପ' ର ଅର୍ଥ ପାଖରେ , 'ନି' ର ଅର୍ଥ ସମ୍ପୁର୍ଣ୍ଣ ଭାବରେ, ତେଣୁ ଉପ-ନି-ଷଦ, ଯାହାର ଅର୍ଥ ହେଲା, ସମ୍ପୁର୍ଣ୍ଣ ଭାବରେ ଗୁରୁଙ୍କ ପାଖରେ ବସିବା, ଅର୍ଥାତ ସମ୍ପୁର୍ଣ୍ଣ ସମର୍ପଣ ସହିତ ଗୁରୁଙ୍କ ପାଖରେ ବସି ବେଦର ଶେଷ ଭାଗ ଅଧ୍ୟୟନ କରିବା । **ଉପନିଷଦ**କୁ ବେଦର **ଚତୁର୍ଥ ସ୍ତର** ବା ଅଂଶ ବୋଲି କୁହାଯାଏ ।

ଯେହେତୁ ଉପନିଷଦ ଗୁଡିକ ବେଦର ଅନ୍ତ ଆଡ଼କୁ ରଚନା କରାଯାଇଥିଲା, ସେଥିପାଇଁ ଏହାକୁ '**ବେଦାନ୍ତ**' ମଧ୍ୟ କୁହାଯାଏ । ଅଧିକାଂଶ ଉପନିଷଦ ଗୁଡିକର ବିଷୟବସ୍ତୁ '**ଆତ୍ମବିଦ୍ୟା** ଓ '**ବ୍ରହ୍ମବିଦ୍ୟା** ଉପରେ ଆଧାରିତ । ଏହାକୁ ଅନେକ ଗବେଷକ ବା ପଣ୍ଡିତ ବା ଜ୍ଞାନୀମାନେ ଅନେକ ଆଖ୍ୟା ଦେଇଛନ୍ତି ଯଥା – 'ଆଦି ଶଙ୍କରାଚାର୍ଯ୍ୟ' ଏହାକୁ 'ଆତ୍ମ ଓ ବ୍ରହ୍ମବିଦ୍ୟା' କହିଛନ୍ତି, 'ମାକ୍ସ ମୁଲ୍ଲେର୍' ଓ 'ପାଉଲ୍ ଦେଉସାନ୍' ଏହାକୁ 'ଗୁପ୍ତ ଶିକ୍ଷା', ଓ 'ପାଟ୍ରିକ୍ ଓଲିଭେଲ୍ଲେ' 'ଲୁକ୍କାୟିତ ଅର୍ଥ', ବୋଲି କହିଛନ୍ତି ।

ଏହା କୁହାଯାଏ ଯେ, ଯେଉଁ ଶିଷ୍ୟ ମାନଙ୍କର ଚରିତ୍ର, ଶିକ୍ଷା ଓ ଗୁରୁଭକ୍ତି ଠିକ ରହୁଥିଲା, ସେଇମାନଙ୍କୁ କେବଳ ଉପନିଷଦ ଶିକ୍ଷା ଗ୍ରହଣ କରିବାର ସୁଯୋଗ ମିଳୁଥିଲା । ସେଇଥିପାଇଁ ଉପନିଷଦ ମାନଙ୍କୁ "**ଗୁପ୍ତ ବିଦ୍ୟା**" କୁହାଯାଏ ।

ଇତିହାସକାର ଓ ଗବେଷକ ମାନଙ୍କ ଅନୁସାରେ ବେଦରେ ସମୁଦାୟ **୧୦୮**ଟି ଉପନିଷଦ ଅଛି । ଏହିସବୁ ଉପନିଷଦ ଗୁଡିକୁ ପ୍ରତ୍ୟେକ ବେଦ ଅଧୀନରେ ସେମାନଙ୍କର ପ୍ରାଧାନ୍ୟ ଓ ବିଷୟବସ୍ତୁ ଅନୁସାରେ ବିଭକ୍ତ କରାଯାଇଛି । ବିଭକ୍ତିକରଣର ପଦ୍ଧତି ଗୁଡିକ ହେଲେ - **ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ**, ଓ **ଯୋଗ** । ଅର୍ଥାତ ପ୍ରତ୍ୟେକ ବେଦର ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ, ଓ ଯୋଗ ଉପନିଷଦ ଗୁଡିକ ଅଛି । (ତଳେ ଦିଆଯାଇଥିବା ଟେବୁଲରେ ଏହାର ସଂକ୍ଷିପ୍ତକରଣ ପାଇ ପାରିବେ)

ଏସବୁ ଉପନିଷଦ ଭିତରୁ **ଦଶୋପନିଷଦ,** ଅର୍ଥାତ ୧୦ଟି ଉପନିଷଦକୁ 'ମୁଖ୍ୟ ଉପନିଷଦ' ଭାବରେ ମାନନ୍ତି, ଏଥିରେ, ପରେ ଆଉ ୩ଟି ଉପନିଷଦ ଯୋଗ କରାଯାଇ ଏହାକୁ ୧୩ଟି କରିଦିଆଗଲା । ତେଣୁ **୧୩ଟି ମୁଖ୍ୟ ଉପନିଷଦ**, ସେଗୁଡିକ ହେଲେ - (ଦଶୋପନିଷଦ) - ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ତୈତ୍ତିରୀୟ, ଐତରେୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ, (ଅତିରିକ୍ତ) - କୌଷୀତକି, ଶ୍ୱେତାଶ୍ୱତର ଓ ମୈତ୍ରାୟଣୀୟ ।

# ବେଦ - ଉପନିଷଦ ସଂଗଠନ

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଋଗ୍ ବେଦ | ୧୦ | ଐତରେୟ, କୌଷୀତକି | ଆତ୍ମବୋଧ, ମୁଦ୍ଗଲ | ନିର୍ବାଣ | ତ୍ରିପୁରା, ସୌଭାଗ୍ୟଲକ୍ଷ୍ମୀ, ବହ୍ବୃଚ, | - | ଅକ୍ଷମାଳିକା | ନାଦବିନ୍ଦୁ |
| ସାମବେଦ | ୧୬ | ଛାନ୍ଦୋଗ୍ୟ, କେନ | ବଜ୍ରସୂଚୀ, ମହା, ସାବିତ୍ରୀ, | ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା | - | ବାସୁଦେବ, ଅବ୍ୟକ୍ତ | ରୁଦ୍ରାକ୍ଷଜାବାଲ, ଜବାଲି | ଯୋଗଚୂଡାମଣି, ଦର୍ଶନ |
| କୃଷ୍ଣ ଯଜୁର୍ବେଦ | ୩୨ | କଠ, ତୈତ୍ତିରୀୟ, ଶ୍ଵେତାଶ୍ଵତର, ମୈତ୍ରାୟଣୀୟ, | ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି | ବ୍ରହ୍ମ, ଅବଧୂତ, କଠଶ୍ରୁତି | ସରସ୍ଵତୀ ରହସ୍ୟ | ନାରାୟଣ, କଳି ସନ୍ତରଣ | କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୂର୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ | ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ଵ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ |
| ଶୁକ୍ଳ ଯଜୁର୍ବେଦ | ୧୮ | ଇଶ, ବୃହଦାରଣ୍ୟକ | ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା | ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ଯାଜ୍ଞବଲ୍କ୍ୟ, ଶାଟ୍-ୟାୟନୀୟ, | - | ତାରସାର | - | ଅଦ୍-ବୟ ତାରକ, ହଂସ, ତ୍ରିଶିଖ-ବ୍ରାହ୍ମଣ, ମଣ୍ଡଳ-ବ୍ରାହ୍ମଣ |

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଅଥର୍ବ ବେଦ | ୩୨ | ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, | ଆତ୍ମା, ସୂର୍ଯ୍ୟ, ପ୍ରାଣାଗ୍ନିହୋତ୍ର | ଆଶ୍ରମ, ନାରଦପରିବ୍ରାଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, | ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ | ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼ | ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବ ଶୀର୍ଷ | ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ |
| ସମୁଦାୟ | ୧୦୮ | ୧୩ | ୨୧ | ୧୯ | ୮ | ୧୪ | ୧୩ | ୨୦ |

**ପ୍ରୀୟ ପାଠକ,**

ବିଭିନ୍ନ ସୂତ୍ରରୁ ଉପଲବ୍ଧ ଉପନିଷଦ ମାନଙ୍କ ମଧ୍ୟରେ ସାମାନ୍ୟ ଅନ୍ତର ପରିଲକ୍ଷିତ ହୋଇଥାଏ, ଏହା ଭୁଲ୍ କିମ୍ବା ତୃଟିଯୁକ୍ତ ନୁହେଁ, ଏହା କେବଳ ଭିନ୍ନ ଭିନ୍ନ ସଂସ୍କରଣ ଅଟେ । ଏହି ଉପନିଷଦ ସଂସ୍କରଣରେ ୧୯୪୮ ମସିହାରେ ପ୍ରକାଶିତ "ଇଶାଦି ବିଂଶୋତ୍ତରଶତୋପନିଷଦଃ" ପୁସ୍ତକ ବ୍ୟବହାର କରାଯାଇଛି ।

ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ ସମସ୍ତ ସାବଧାନ, ଓ ଯତ୍ନର ସହିତ ଓଡିଆରେ ରୂପାନ୍ତର କରାଯାଇଛି । ଏଥିରେ ଭୁଲ୍ ବା ତୃଟି ରହିଥାଇପାରେ, ଯଦି କିଛି ତୃଟି ରହିଯାଇଥାଏ, ତାହା ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

ଆଶାକରୁଛି, ଏହା ସମସ୍ତ ଓଡିଆ ଭାଷା ଭାଷୀ ଜ୍ଞାନଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଅନ୍ୟମାନଙ୍କ, ତଥା ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୧୦.୦୯.୨୦୨୧**
**ଗଣେଶ ଚତୁର୍ଥୀ**

**ଶ୍ରୀ ପ୍ରକାଶ ପ୍ରଧାନ**
**ସଂପାଦକ**
ସଂସାରଫଳ, ପଚାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା

# ବୈଷ୍ଣବ ଉପନିଷଦ

(Vaishnava Upanishad)

ଓଁ ଶ୍ରୀ ଗଣେଶାୟ ନମଃ

# ନାରାୟଣ ଉପନିଷଦ

(Narayanopanisat / Narayana Upanishad)

**ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ**

Editor – Prakash Pradhan

**ଭାଷା - ସଂସ୍କୃତ-ଓଡିଆ**

Language – Sanskrit - Odia

**ଶୁଦ୍ଧିକରଣ** (Proofreading by)

ଶ୍ରୀ ଓମ ପ୍ରକାଶ ଷଡ଼ଙ୍ଗୀ



## ଶ୍ରୀ ପ୍ରକାଶ ପ୍ରଧାନ


ସଂପାଦକ

prakash@scholarshoppe.com


# ଶୁଦ୍ଧିକରଣ



## ଶ୍ରୀ ଓମ ପ୍ରକାଶ ଷଡ଼ଙ୍ଗୀ


ମଧ୍ୟଖଣ୍ଡୀ, ଶ୍ରୀବଳଦେବଜୀଉ,

କେନ୍ଦ୍ରାପଡା, ଓଡିଶା

opsarangi@gmail.com

# ନାରାୟଣୋପନିଷତ୍ / ନାରାୟଣ ଉପନିଷଦ / ନାରାୟଣାଥର୍ବଶୀର୍ଷ

## ।। ଅଥ ନାରାୟଣୋପନିଷତ୍ ।।

ମାୟାତତ୍କାର୍ୟମଖିଲଂ ୟଦ୍ବୋଧାଦ୍ୟାତ୍ୟପହ୍ନବମ୍ ।
ତ୍ରିପାନ୍ନାରାୟଣାଖ୍ୟଂ ତତ୍କଲୟେ ସ୍ୱାତ୍ମମାତ୍ରତଃ ।।

ଓଁ ସହ ନାବବତୁ ସହ ନୌ ଭୁନକ୍ତୁ । ସହ ବୀର୍ୟଂ କରବାବହୈ ।
ତେଜସ୍ୱିନାବଧୀତମସ୍ତୁ । ମା ବିଦ୍ୱିଷାବହୈ ।।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

(ନାରାୟଣାତ୍ ସର୍ବଚେତନାଚେତନଜନ୍ମ)

ଓଁ ଅଥ ପୁରୁଷୋ ହ ବୈ ନାରାୟଣୋଽକାମୟତ ପ୍ରଜାଃ ସୃଜେୟେତି ।
ନାରାୟଣାତ୍-ପ୍ରାଣୋ ଜାୟତେ ମନଃ ସର୍ବେନ୍ଦ୍ରିୟାଣି ଚ ।
ଖଂ ବାୟୁର୍ଜ୍ୟୋତିରାପଃ ପୃଥିବୀ ବିଶ୍ୱସ୍ୟ ଧାରିଣୀ ।
ନାରାୟଣାଦ୍-ବ୍ରହ୍ମା ଜାୟତେ । ନାରାୟଣାଦ୍-ରୁଦ୍ରୋ ଜାୟତେ ।
ନାରାୟଣାଦିନ୍ଦ୍ରୋ ଜାୟତେ । ନାରାୟଣାତ୍-ପ୍ରଜାପତିଃ ପ୍ରଜାୟତେ ।
ନାରାୟଣାଦ୍ଦ୍ୱାଦଶାଦିତ୍ୟା ରୁଦ୍ରା ବସବଃ ସର୍ବାଣି ଛନ୍ଦାଂସି ।
ନାରାୟଣାଦେବ ସମୁତ୍ପଦ୍ୟନ୍ତେ । ନାରାୟଣାତ୍-ପ୍ରବର୍ତନ୍ତେ ।
ନାରାୟଣେ ପ୍ରଲୀୟନ୍ତେ । ଏତଦୃଗ୍ୱେଦଶିରୋଽଧୀତେ ।। ୧ ।।

Not For Commercial Use

(ନାରାୟଣସ୍ୟ ସର୍ବାତ୍ମତ୍ୱମ୍)

ଅଥ ନିତ୍ୟୋ ନାରାୟଣଃ । ବ୍ରହ୍ମା ନାରାୟଣଃ । ଶିବଶ୍ଚ ନାରାୟଣଃ ।
ଶକ୍ରଶ୍ଚ ନାରାୟଣଃ । କାଲଶ୍ଚ ନାରାୟଣଃ । ଦିଶଶ୍ଚ ନାରାୟଣଃ ।
ବିଦିଶଶ୍ଚ ନାରାୟଣଃ । ଊର୍ଧ୍ୱଂ ଚ ନାରାୟଣଃ ।
ଅଧଶ୍ଚ ନାରାୟଣଃ । ଅନ୍ତର୍ବହିଶ୍ଚ ନାରାୟଣଃ ।
ନାରାୟଣ ଏବେଦଂ ସର୍ବଂ ଯଦ୍-ଭୂତଂ ଯଚ୍ଚ ଭବ୍ୟମ୍ ।
ନିଷ୍କଲଙ୍କୋ ନିରଞ୍ଜନୋ ନିର୍ବିକଲ୍ପୋ ନିରାଖ୍ୟାତଃ
ଶୁଦ୍ଧୋ ଦେବ ଏକୋ ନାରାୟଣୋ ନ ଦ୍ୱିତୀୟୋଽସ୍ତି କଶ୍ଚିତ୍ ।
ୟ ଏବଂ ବେଦ ସ ବିଷ୍ଣୁରେବ ଭବତି ସ ବିଷ୍ଣୁରେବ ଭବତି ।
ୟ ଏତଦ୍ୟଜୁର୍ବେଦଶିରୋଽଧୀତେ ।। ୨ ।।

(ନାରାୟଣାଷ୍ଟାକ୍ଷରମନ୍ତ୍ରଃ)

ଓଁମିତ୍ୟଗ୍ରେ ବ୍ୟାହରେତ୍ । ନମ ଇତି ପଶ୍ଚାତ୍ ।
ନାରାୟଣାୟେତ୍ୟୁପରିଷ୍ଟାତ୍ ।
ଓଁମିତ୍ୟେକାକ୍ଷରମ୍ । ନମ ଇତି ଦ୍ୱେ ଅକ୍ଷରେ ।
ନାରାୟଣାୟେତି ପଞ୍ଚାକ୍ଷରାଣି ।
ଏତଦ୍ୱୈ ନାରାୟଣସ୍ୟାଷ୍ଟାକ୍ଷରଂ ପଦମ୍ ।
ୟୋ ହ ବୈ ନାରାୟଣସ୍ୟାଷ୍ଟାକ୍ଷରଂ ପଦମଧ୍ୟେତି ।
ଅନପବ୍ରୁବଃ ସର୍ବମାୟୁରେତି ।
ବିନ୍ଦତେ ପ୍ରାଜାପତ୍ୟଂ ରାୟସ୍ପୋଷଂ ଗୌପତ୍ୟଂ
ତତୋଽମୃତତ୍ୱମଶ୍ନୁତେ ତତୋଽମୃତତ୍ୱମଶ୍ନୁତ ଇତି ।
ଏତତ୍ସାମବେଦଶିରୋଽଧୀତେ ।। ୩ ।।

Not For Commercial Use

(ନାରାୟଣପ୍ରଣବଃ)

ପ୍ରତ୍ୟଗାନନ୍ଦଂ ବ୍ରହ୍ମପୁରୁଷଂ ପ୍ରଣବସ୍ୱରୂପମ୍ । ଅକାର ଉକାରୋ ମକାର ଇତି ।
ତା ଅନେକଧା ସମଭବତ୍ତଦେତଦୋମିତି ଯମୁକ୍ତ୍ୱା ମୁଚ୍ୟତେ ଯୋଗୀ ଜନ୍ମସଂସାରବନ୍ଧନାତ୍ ।
ଓଁ ନମୋ ନାରାୟଣାୟେତି ମଂତ୍ରୋପାସକୋ ବୈକୁଣ୍ଠଭୁବନଂ ଗମିଷ୍ୟତି ।
ତଦିଦଂ ପୁଣ୍ଡରୀକଂ ବିଜ୍ଞାନଘନଂ । ତସ୍ମାତ୍ତଡିଦାଭମାତ୍ରମ୍ ।
ବ୍ରହ୍ମଣ୍ୟୋ ଦେବକୀପୁତ୍ରୋ ବ୍ରହ୍ମଣ୍ୟୋ ମଧୁସୂଦନଃ ।
ବ୍ରହ୍ମଣ୍ୟଃ ପୁଣ୍ଡରୀକାକ୍ଷୋ ବ୍ରହ୍ମଣ୍ୟୋ ବିଷ୍ଣୁରଚ୍ୟୁତ ଇତି ।
ସର୍ବଭୂତସ୍ଥମେକଂ ବୈ ନାରାୟଣଂ କାରଣପୁରୁଷମକାରଣଂ ପରଂ ବ୍ରହ୍ମ ଓମ୍ ।
ଏତଦଥର୍ବଶିରୋଯୋଽଧୀତେ ।। ୪ ।।

(ବିଦ୍ୟାଽଧ୍ୟୟନଫଲମ୍)

ପ୍ରାତରଧୀୟାନୋ ରାତ୍ରିକୃତଂ ପାପଂ ନାଶୟତି ।
ସାୟମଧୀୟାନୋ ଦିବସକୃତଂ ପାପଂ ନାଶୟତି ।
ତସ୍ମାୟଂପ୍ରାତରଧୀୟାନୋଽପାପୋ ଭବତି ।
ମଧ୍ୟଂଦିନମାଦିତ୍ୟାଭିମୁଖୋଽଧୀୟାନଃ ପଞ୍ଚମହାପାତକୋପପାତକାତ୍-ପ୍ରମୁଚ୍ୟତେ ।
ସର୍ବବେଦପାରାୟଣପୁଣ୍ୟଂ ଲଭତେ । ନାରାୟଣସାୟୁଜ୍ୟମବାପ୍ନୋତି ।
ଶ୍ରୀମନ୍ନାରାୟଣସାୟୁଜ୍ୟମବାପ୍ନୋତି ୟ ଏବଂ ବେଦ ।। ୫ ।। ଇତ୍ୟୁପନିଷତ୍ ।।

ଓଁ ସହ ନାବବତୁ ସହ ନୌ ଭୁନକ୍ତୁ । ସହ ବୀର୍ୟଂ କରବାବହୈ ।
ତେଜସ୍ୱିନାବଧୀତମସ୍ତୁ । ମା ବିଦ୍ୱିଷାବହୈ ।।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

## ।। ଇତି ନାରାୟଣୋପନିଷତ୍ସମାପ୍ତା ।।